# ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ

**ମାର୍ଶାଘାଇ(ଅମୃତ ମିଡ଼ିଆ):** ମାର୍ଶାଘାଇ ବ୍ଲକ ଦଶିପୁର ପଂଚାୟତରେ ଶୁକ୍ରବାର ସାମାଜିକ ସମୀକ୍ଷାର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ପବିତ୍ର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଦଶିପୁର ପଂଚାୟତ ସରପଂଚ ବିକ୍ରମ କେଶରୀ ଦାଶ , ପଂଚାୟତ ଅଧିକାରୀ ରମେଶ ଚନ୍ଦ୍ର ସ୍ୱାଇଁ , ବ୍ଲକ ସମ୍ବଳ ବ୍ୟକ୍ତି ରମାକାନ୍ତ ସ୍ୱାଇଁ ଓ ଦଶିପୁର ପଂଚାୟତ ଗ୍ରାମ୍ୟ ସମ୍ବଳବ୍ୟକ୍ତି ରାଜଶ୍ରୀ ସ୍ୱାଇଁ ଯୋଗଦେଇଥିଲେ । ପଂଚାୟତର ୨୦୨୦ -୨୧ ଆର୍ଥିକ ବର୍ଷରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସାମାଜିକ ସମୀକ୍ଷା କରାଯାଇଥିଲା । ଉକ୍ତ କାର୍ଯ୍ୟର ସମୀକ୍ଷା କରାଯାଇ ରାଜ୍ୟ ସରକାରଙ୍କୁ ଏହାର ରିପୋର୍ଟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଆଜିର ଗ୍ରାମ ସଭାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ,ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଓ ପଂଚଦଶ ଅର୍ଥ ଆୟୋଗର ସାମାଜିକ ସମୀକ୍ଷା ଉପରେ ୱାର୍ଡ଼ ସଭ୍ୟ ସଭ୍ୟା ଓ ପଂଚାୟତବାସୀ ଯୋଗଦେଇ ସେମାନଙ୍କ ମତବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପଂଚାୟତ ସାମାଜିକ ସମୀକ୍ଷାରେ ଯୋଗଦେଇଥିବା ଗ୍ରାମ୍ୟ ସମ୍ବଳବ୍ୟକ୍ତି ମୀରା ମଲ୍ଲିକ ,ମାମିନା ମଲ୍ଲିକ ଓ ସୁନିତା ସେଫାଳି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଥାଉକି ମାର୍ଶାଘାଇ ବ୍ଲକର ଗରଜଙ୍ଗା ,ଦୁମୁକା ଓ ତାଳସଙ୍ଗା ପଂଚାୟତରେ ମଧ୍ୟ ୨୦୨୦-୨୧ ଆର୍ଥିକ ବର୍ଷର ସାମାଜିକ ସମୀକ୍ଷାର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି

## ଗ୍ରାମସଭାରେ ଉପସ୍ଥାପିତ ହେବ ଲୋକଙ୍କ ମୌଳିକ ସମସ୍ୟା

**ବାରିପଦା(ଅମୃତ ମିଡିଆ):** ଦେଶ ସ୍ୱାଧିନ ହେବାର ଦିର୍ଘ ୭୫ ବର୍ଷ ପୁରିଲା । ତେଣୁ ଚଳିତ ବର୍ଷଟିକୁ ଦେଶ ତମାମ ଅମୃତ ମହୋତ୍ସବର ବର୍ଷ ଭାବରେ ପାଳନ କରାଯାଉଛି । ଏହି ଅବସରରେ ମୟୂରଭଞ୍ଜରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ 'ଜନଜାଗୃତି ମଂଚ'ର ନେତୃତ୍ୱରେ ଚଳିତ ଅଗଷ୍ଟ ୧୫ ତାରିଖ ଦିନ ହେବାକୁ ଥିବା ଗ୍ରାମସଭା ମାନଙ୍କରେ ଲୋକଙ୍କ ମୌଳିକ ସମସ୍ୟା ଉପସ୍ଥାପିତ ହେବ ବୋଲି ମଂଚ□ର ଟିମ ଲିଡ଼ର ଗଦାଧର ଦାଶ ଜଣାଇଛନ୍ତି । ଏଥିପାଇଁ ମଂଚ□ ତରଫରୁ ରଣନୀତି ପ୍ରସ୍ତୁତ କରାଯାଇ କର୍ମୀ ମାନଙ୍କୁ ଦାୟିତ୍ୱ ବଂଟନ କରାଯାଇଥିବାର ଜଣାଯାଇଛି । ଲୋକଙ୍କ ତରଫରୁ ଉପସ୍ଥାପିତ ହେବାକୁ ଥିବା ସମସ୍ୟା ଗୁଡ଼ିକ ମଧ୍ୟରେ ଖାଦ୍ୟ, ପାଣି, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅନେକ ଗୁଡ଼ିଏ କଥା ରହିଛି । ପ୍ରକାଶ ଥାଉକି ପୁର୍ବରୁ ମଂଚ□ର କର୍ମୀ ମାନଙ୍କ ଦ୍ୱାରା ଜିଲ୍ଲାର ୬ ଗୋଟି ବ୍ଲକରେ ୬୫ ଗୋଟି ଗ୍ରାମରୁ ପିଇବା ପାଣି, ବିଦ୍ୟାଳୟର ଭିତିଭୂମୀ ଏବଂ ଅନ୍ୟାନ୍ୟ ସମସ୍ୟା ଚିହ୍ନଟ କରାଯାଇଛି । ଏହି ୬ ଗୋଟି ବ୍ଲକ ମଧ୍ୟରେ କପ୍ତିପଦା, ଉଦଳା, ଖୁଂଟା, ଗୋପବନ୍ଧୁନଗର, ବଡ଼ସାହି ଓ ବେତନଟୀ ରହିଛି । ଏହି ସବୁ ବ୍ଲକ ଅନ୍ତର୍ଗତ ୩୦ ଗୋଟି ପଂଚାୟତର ଗ୍ରାମସଭା ମାନଙ୍କରେ ସଚେତନ ନାଗରିକ ମାନଙ୍କ ଦ୍ୱାରା ସମସ୍ୟା ଉପସ୍ଥାପିତ ହେବ ଉପସ୍ଥାପନ ପରେ ସମସ୍ୟା ଗୁଡ଼ିକ ସ୍ଥାନୀୟ ବିଡ଼ିଓ, ଲୋକପ୍ରତିନିଧି ଏବଂ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାର କାର୍ଯ୍ୟକ୍ରମ ରହିଛି ।

# ଧନେଶ୍ୱରଙ୍କୁ ସହାୟତାର ହାତ ବଢାଇଲେ ବିଡ଼ିଓ

**ମାର୍ଶାଘାଇ(ଅମୃତ ମିଡ଼ିଆ):** ମାର୍ଶାଘାଇ ବ୍ଲକ ଆଖୁଆ ଦକ୍ଷିଣି ଗ୍ରାମପଂଚାୟତ ବଉଳାଙ୍ଗ ଗ୍ରାମର ଧନେଶ୍ୱର ରାଉତ (୪୦) ସୁଦୁର କର୍ଣ୍ଣାଟକରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟକରି ନିଜର ପରିବାର ପ୍ରତିପୋଷଣ କରୁଥିଲେ । ହଠାତ୍ ଦେହ ଅସୁସ୍ଥ ହେବାରୁ ଆଉକାମ ଧନ୍ଦା କରିପାରିଲେନି । ବାଧ୍ୟ ହୋଇ ଘରକୁ ଚାଲିଆସି ନିଜର ଚିକିତ୍ସା ଆରମ୍ଭ କଲେ । ଡ଼ାକ୍ତରଙ୍କ ପରାମର୍ଶେ କ୍ରମେ ଜାଣିବାକୁ ପାଇଲେ ସେ ବ୍ରେନ୍ ଷ୍ଟ୍ରୋକ୍ ରେ ଆକ୍ରାନ୍ତ ହୋଇଛନ୍ତି । ରୋଜଗାର ହରାଇବା ସହ ପତ୍ନୀ ଓ ଦୁଇ ପିଲାଙ୍କୁ ଆହାର ଯୋଗାଇବା କଷ୍ଟକର ହୋଇପଡ଼ିଥିଲା । ରାସନକାର୍ଡ଼ ଯୋଜନାରେ ସାମିଲ ଅଛନ୍ତି ଧନେଶ୍ୱର । ଉତମ ଚିକିତ୍ସା ପାଇଁ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ରେ ଚିକିତ୍ସା ହୋଇଥିଲେ ବି ସେହି ଅର୍ଥ ଶେଷ ହୋଇଗଲା ମାତ୍ର ଏତେବଡ଼ ରୋଗରୁ ମୁକ୍ତ ହୋଇପାରିନାହାନ୍ତି ଧନେଶ୍ୱର । ଅଭାବି ସଂସାରକୁ ଅର୍ଥ ଦାଉସାଜିଥିବା ବେଳେ ପ୍ରାୟ ବର୍ଷେ ହେବ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି ଧନେଶ୍ୱର । ଏହି ପରିବାର ବିଷୟରେ ମାର୍ଶାଘାଇ ବିଡ଼ିଓ ଉମାଶଙ୍କର ବେହେରା ଅବଗତ ହେବା ପରେ ଧନେଶ୍ୱର ଙ୍କ ଘରେ ପହଂଚି ତାଙ୍କୁ ଏକ ଟ୍ରାଇ ସାଇକେଲ ସହ ନିଜ ସଂଚିତ ଅର୍ଥରୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ବିଡ଼ିଓ ଙ୍କ ଏଭଳି ମହାନତା ପାଇଁ ଗ୍ରାମବାସୀଙ୍କ ସହିତ ଅଂଚଳବାସୀ ମାର୍ଶାଘାଇ ବିଡ଼ିଓଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ କୃମି ଦିବସ ପାଳିତ

**ବେତନଟୀ(ଅମୃତ ମିଡିଆ):** ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ଜାତୀୟ କୃମି ଦିବସ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷା ଅନୁଷ୍ଠାନ, ସ୍ୱାସ୍ଥ୍ୟ ଅନୁଷ୍ଠାନ ଓ ଶିଶୁ ବିକାଶ ଯୋଜନାର ସମସ୍ତ ଅନୁଷ୍ଠାନ ସାମିଲ ହୋଇ ଥିବାର ଜଣା ପଡିଛି । ଏହି କାର୍ଯ୍ୟକ୍ରମରେ ୦୧ ବର୍ଷରୁ ୧୯ ବର୍ଷର ଶିଶୁ ଓ ବାଳକବାଳିକା ମାନଙ୍କୁ କୃମି ନିରାକରଣ ଔଷଧ ପ୍ରଦାନ କରା ଯାଇଛି । ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ସିପୁନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପିଏମ ସସ୍ମିତା ଦାଶ, ପିଏଚଇଓ ମଞ୍ଜୁଶ୍ରୀ ଦାସ, ଆୟୁଷ ରାଜଶ୍ରୀ ସାହୁ, ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ଷ୍ଟାଫ ନର୍ସ ଓ ଅନ୍ୟମାନେ ସହଯୋଗ କରି ଥିବାର ଜଣା ପଡିଛି । ଏହି ସଚେତନା ପାଇଁ ଶିକ୍ଷା ଅନୁଷ୍ଠାନର ପ୍ରଧାନ ଶିକ୍ଷକଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରି ଥିବାର ଜଣା ପଡିଛି ।

# ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ବିଧାୟକଙ୍କ ଉଦ୍‌ଘାଟନ

**ବେତନଟୀ(ଅମୃତ ମିଡିଆ):** ଆଜି ବେତନଟୀ ବ୍ଲକର କଦଳିଆଠାରେ ଥିବା ବ୍ରଜମୋହନଜୀଉ ଫିଲିଙ୍ଗ ଷ୍ଟେସନରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲା ପଛୁଆବର୍ଗ ମୋର୍ଚ୍ଚା ସଭାପତି ବ୍ରଜମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡସାହି ବିଧାୟକ ସନାତନ ବିଜୁଳି ଯୋଗ ଦେଇ ଏହାକୁ ଉଦଘାଟନ କରି ଥିଲେ । ସମ୍ମାନୀତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ରତିକାନ୍ତ ମହାନ୍ତ, ଲକ୍ଷ୍ମୀଧର ଦଣ୍ଡପାଟ, ଚନ୍ଦ୍ରହାସ୍ୟ ପାଣିଗ୍ରାହୀ ଓ ଅନ୍ୟମାନେ ଯୋଗ ଦେଇ ଥିଲେ । ଏହି କାର୍ଯ୍ୟକ୍ରମକୁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ମଧ୍ୟ ନିମନ୍ତ୍ରଣ କରା ଯାଇ ଥିଲା । ସ୍ୱାଧୀନତାର ୭୫ ବର୍ଷ ପୂ□ ଉପଲକ୍ଷେ ଭାରତ ବର୍ଷର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହରଘର ତ୍ରିରଙ୍ଗା ଆହ୍ୱାନକୁ ବିଜେପି ଦଳ ତରଫରୁ ସବୁଠାରେ କାର୍ଯ୍ୟକ୍ଷମ କରା ଯାଉ ଥିବାର ଜଣା ପଡିଛି ।

## ଉଚ୍ଚବିଦ୍ୟାଳୟରେ ହର ଘର ତ୍ରିରଙ୍ଗା ସଚେତନତା କାର୍ଯ୍ୟକ୍ରମ

**ଚନ୍ଦାହାଣ୍ଡି (ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଯାଦବ ମାଝୀ ବାଳିକା ଉଚ୍ଚ ବିଦ୍ୟାଳୟ ମୋହରା ଠାରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ହର ଘର ତ୍ରିରଙ୍ଗା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କୁ ସହଯୋଗ କରିବା ପାଇଁ ଯାଦବ ମାଝୀ ବାଳିକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ତଥା ବିଜେପି ରାୟଗଡା ଜିଲ୍ଲା ପ୍ରଭାରୀ ଗୋବିନ୍ଦ ଜୈନ ଏବଂ ଯାଦବମାଝି ବାଳିକା ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ବିଜେପି ନେତା ଦିଲୀପ କୁମାର ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଭାରତ ମାତାର ବରପୁତ୍ର ମାନଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ସ୍ମୃତିଚାରଣ କରିବା ପରେ ଉଭୟ ଅତିଥିଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ଯାଦବ ମାଝୀ ବାଳିକା ଉଚ୍ଚ ବିଦ୍ୟାଳୟ ମୋହରାରୁ ବାହାରି ସଦର ଚନ୍ଦାହାଣ୍ଡି ଅଭିମୁଖେ ଯାଇଥିଲେ ।ଗ୍ରାମ ପରିକ୍ରମା ସମୟରେ ଦେଶର ଭାଇଚାରାକୁ ସୁଦୃଢ଼ କରେ ହର ଘର ତ୍ରିରଙ୍ଗା ବୋଲି କୁହାଯାଇଥିଲା। ଏଥିସହ ଉପସ୍ଥିତ ଜନସାଧାରଣଙ୍କୁ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ଓ ପ୍ରତ୍ୟେକ ଘରେ ଯେପରି ଏହାକୁ ଅତି ଆଦରର ସହିତ ପାଳନ କରିବେ ସେଥିପାଇଁ ସମସ୍ତଙ୍କୁ ପ୍ରେରଣା ପ୍ରଦାନ କରାଯାଇଥିଲା। ଗ୍ରାମର ଛୋଟ ଛୋଟ ପିଲା ମାନଙ୍କୁ ମଧ୍ୟ ତ୍ରିରଙ୍ଗା ପତାକାକୁ କିପରି ଓ କାହିଁକି ସମ୍ମାନ କରିବେ ସେ ବିଷୟରେ ଛାତ୍ରଛାତ୍ରୀ ମାନେ ବୁଝାଇଥିଲେ ।ଆସନ୍ତା ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ଘରେ ତ୍ରିରଙ୍ଗା ପତାକା ଲଗାଇ ଭାରତ ମାତାଙ୍କ ସନ୍ତାନ ବୋଲି ଗର୍ବ ଅନୁଭବ କରିବା ସହ ୭୫ ତମ ସ୍ୱାଧୀନତା ଦିବସ ଉତ୍ସବ ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ଜନ ସଚେତନତା ସୃଷ୍ଟି କରିବାକୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ନଜରାନା ପ୍ରବୀଣ, ଲକ୍ଷ୍ମୀଧର ନାୟକ,ତରଣୀସେନ ସାହୁ,ସୁଚିତ୍ରା ଶତପଥୀ,ଦେବରାଜ ସାହୁ ଉକ୍ତ ଶୋଭାଯାତ୍ରାର ଦାୟିତ୍ୱ ତୁଲାଇଥିଲେ ।ବିଦ୍ୟାଳୟର ଛାତ୍ରଛାତ୍ରୀ,ବରିଷ୍ଠ ଅତିଥିଗଣ ଅଂଶ ଗ୍ରହଣ କରି ଶୋଭାଯାତ୍ରାକୁ ସଫଳ କରିଥିଲେ।

# ପୌରପ୍ରଶାସନ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ

**ଜଟଣୀ(ଅମୃତ ମିଡିଆ):** କରୋନା କଟକଣା ପାଇଁ ବିଗତ ଦୁଇବର୍ଷ ଧରି ଆଡ଼ମ୍ବର ସହକାରେ ପାଳନ ହୋଇଆସୁଥିବା ଜଟଣୀ ଗଣେଶ ପୂଜା ଓ ଜାନିଯାତ୍ରା ଫିକା ପଡ଼ିଥିବା ବେଳେ ଚଳିତ ବର୍ଷ ଚିରାଚରିତ ପ୍ରଥା ଅନୁଯାୟୀ ଏହି ପୂଜା ପାଳନ ପାଇଁ ବ୍ୟବସାୟୀ ଗୋଷ୍ଠୀ ପ୍ରସ୍ତୁତି ଚଳାଇଥିବା ବେଳେ ଏ ନେଇ ପୌରପ୍ରଶାସନ ପକ୍ଷରୁ ସହରରେ ପରିମଳ ବ୍ୟବସ୍ଥା ସୁପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପୌର ଅଧକ୍ଷ ଅନନ୍ତ ବେହେରାଙ୍କ ଅଧକ୍ଷତାରେ ଟାଉନ୍ ହଲ୍ (ସ୍ରଷ୍ଟା) ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଯଦିଓ ପୂଜାପାର୍ବଣ ଉପରେ ପ୍ରାଶାସନିକ କଟକଣା କୋହଳ ଅଛି କିନ୍ତୁ କରୋନାର ଭୟାବହତା ସମ୍ପୂର୍ଣ୍ଣ ଯାଇନାହିଁ, ସେଥିପାଇଁ ଜନସମାଗମକୁ ଦୃଷ୍ଟିରେ ରଖି ସମସ୍ତ ପୂଜା କମିଟି କର୍ମକ□ା ମାନଙ୍କୁ ନିଜ ନିଜ ପୂଜା ପେଣ୍ଡଲ ଅଞ୍ଚଳରେ ଦଶ ଦିନ ଧରି ଶାନ୍ତିଶୃଙ୍ଖଳା ସହିତ ପୂଜା କାର୍ଯ୍ୟ ସମାପନ କରିବା ପାଇଁ ଅନୁରୋଧ କରାଯାଇଥିଲା କ୍ଷ ସୂଚନା ଯୋଗ୍ୟ ଯେ ଦୀର୍ଘ ବର୍ଷର ଏହି ପୂଜା ବ୍ୟବସ୍ଥାରେ ବିଗତ କିଛି ବର୍ଷ ହେବ ପୂର୍ବତନ ନଗରପାଳଙ୍କ ଉଦ୍ୟମରେ ସଙ୍ଗଠିତ ଭାବେ ଭସାଣୀ ଯାତ୍ରା ହେଉଥିବା ବେଳେ ସନ୍ଧ୍ୟାରେ ପଞ୍ଜିକୃତ ପେଣ୍ଡଲ ମାନଙ୍କରୁ ବିଘ୍ନରାଜଙ୍କ ମୃଣ୍ମୟ ମୂ□ ସବୁକୁ ଶୃଙ୍ଖଳିତ ଭାବେ ସୀତାରାମ ଛକ ନିକଟରେ ମେଳଣ କରାଯାଇ ଧାଡ଼ି କରି ଭସାଣି ନିମନ୍ତେ ପୌର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥାଏ କ୍ଷ ଆହୁତ ବୈଠକରେ ସର୍ବସମ୍ମତି ଆଲୋଚନା କ୍ରମେ ପୂଜା ଆରମ୍ଭ ହେବା ଦିନଠାରୁ ଭସାଣୀ ଉତ୍ସବ ପର୍ଯ୍ୟନ୍ତ ନିରବିଚ୍ଛିନ୍ନ ବିଦ୍ୟୁତ ସରବରାହ, ପାନୀୟଜଳ ଯୋଗାଣ, ରାସ୍ତାଘାଟ ନଳା ନର୍ଦ୍ଦମା ପରିଷ୍କାର ଓ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ, ଆଇନଶୃଙ୍ଖଳା ରକ୍ଷା, ଭାରିଯାନ ଚଳାଚଳ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଇତ୍ୟାଦି ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅନୁରୋଧ କରାଯାଇଥିଲା କ୍ଷ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ପୌର ଉପାଧକ୍ଷା ଆରତୀ ରାଉତ, ବ୍ୟବସାୟୀ ମହାସଂଘ ସଭାପତି ସୁଦର୍ଶନ ସୁନ୍ଦରାୟ, ପୂର୍ବତନ ନଗରପାଳ ତଥା ଭସାଣୀ କମିଟି ସଭାପତି ସଂଗ୍ରାମ କେଶରୀ ରାଉତରାୟ, ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ସୁବୁଦ୍ଧି, ବିଧାୟକଙ୍କ ପ୍ରତିନିଧି ନୌସର୍ ଅଲ୍ଲୀ, ସାଂସଦଙ୍କ ପ୍ରତିନିଧି ପଦ୍ମଚରଣ ପ୍ରଧାନ, ସବ୍‌ଇନ୍ସପେକ୍ଟର ଶ୍ୟାମଘନ ସାହୁ, ଖୋର୍ଦ୍ଧା ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ

୭୫ତମ ସାଧିନତାର
ଅମୃତ ମହୋତ୍ସବ

**ବଡ଼ଚଣା(ଅମୃତ ମିଡିଆ):** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡା ପଞ୍ଚାୟତି ପକ୍ଷରୁ ୭୫ ତମ ସ୍ୱାଧିନତା ଦିବସ ଉପଲକ୍ଷେ ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ସୁଙ୍ଗୁଡ଼ ସରପଞ୍ଚ ଅଞ୍ଜୁଲତା ସ୍ୱାଇଁଙ୍କ ନେତୃତ୍ୱରେ ପଞ୍ଚାୟତ ର ପ୍ରତ୍ୟେକ ଗ୍ରାମ ଓ ବିଦ୍ୟାଳୟ ପରିକ୍ରମା କରାଯାଇ ସ୍ୱଚ୍ଛତର ବା□ା ।ପ୍ରଚାର କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ବିଦ୍ୟାଳୟ ଓ ଗ୍ରାମ୍ୟ ରାସ୍ତା କଡ଼ରେ ବ୍ଲିଚିଂ ପାଉଡର ପକାଇବା ସହ ବ୍ଲିଚିଂ ବଣ୍ଟନ କରିଛନ୍ତି ।ଏହି ଅବସରରେ ଶତାଧିକ ବ୍ୟକ୍ତିଙ୍କୁ ନେଇ ଏକ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମରେ ପଞ୍ଚାୟତ ପରିକ୍ରମା କରି ଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଅକ୍ଷୟ କୁମାର ସ୍ୱାଇଁ,ସ।ମ୍ବାଡିକ ପ୍ରମୋଦ ଜେନା,ସୁଜିତ୍ ଜେନା, ୱାର୍ଡ଼ ସଭ୍ୟା ଗୀତାଞ୍ଜଳି ଜେନା,ବିନତି ଜେନା,ଅନୁରାଧା ଜେନା,ଆଦିତ୍ୟ ବେହେରା,ସ୍ମୃତିରଞ୍ଜନ୍ ମହଲା,ସନାତନ ନାୟକ,ବାଉରୀ ବନ୍ଧୁ ସାହୁ,ଅମୂଲ୍ୟ ଜେନା, ଜ୍ୟୋତିରଂଜନ ଜେନା,ଶରତ ସାହୁ,ଡମ୍ବରୁ ବାରିକ୍,ରାଜେଶ୍ ସେନାପତି,ଇମରାନ ଖାଁ ପ୍ରମୁଖ ଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# ପାରାଦୀପରେ ବିଜେପିର ତ୍ରିରଙ୍ଗା ଯାତ୍ରା

**ପାରାଦୀପ(ଅମୃତ ମିଡିଆ):** ସ୍ୱାଧିନତାର ୭୫ ବର୍ଷ ପୂ□ ଓ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ହର ଘର ତ୍ରୀରଙ୍ଗା' ଆହ୍ୱାନ କ୍ରମେ ପାରାଦୀପରେ ବିଜେପି ପକ୍ଷରୁ ଶୁକ୍ରବାର ଦିନ ଅପରାହ୍ନରେ ତ୍ରୀରଙ୍ଗ ଯାତ୍ରା ଆୟୋଜିତ ହୋଇଥିଲା । ପାରାଦୀପ ବସଷ୍ଟାଣ୍ଡ ଠାରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂ□ୀ ନିକଟରୁ ଏହି ତ୍ରୀରଙ୍ଗା ଯାତ୍ରାର ଶୁଭାରମ୍ଭ ହୋଇ ବଡପଡିଆ ମାର୍କେଟ, ବ୍ୟାଙ୍କ ଛକ, ମଧୁବନ, ବୃନ୍ଦାବନ କଲୋନୀ, ଅଠରବାଙ୍କୀ, ଦୋଛକି ଦେଇ ଉଦୟବଟସ୍ଥିତ କୁଜଙ୍ଗର ମହାନ ସ୍ୱାଧିନତା ସଂଗ୍ରାମୀ ନାରାୟଣ ବୀରବର ସାମନ୍ତଙ୍କ ପୀଠ ନିକଟରେ ଉଦ୍‌ଯାପିତ ହୋଇଥିଲା । ଏହି ଅବସରରେ ପାରାଦୀପ ନିର୍ବାଚନ ମଣ୍ଡଳୀର ବିଜେପି ଯୁବନେତା ସମ୍ପଦ ସ୍ୱାଇଁ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ମାନଙ୍କୁ ନିଜନିଜ ଘର ଉପରେ ତିନିଦିନ ପାଇଁ ଜାତୀୟ ତ୍ରୀରଙ୍ଗା ପତାକା ଲଗାଇ ମହାନ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ତ୍ୟାଗ ଓ ବଳିଦାନର ସ୍ମୃତିଚାରଣ କରି ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାକୁ ନିବେଦନ କରିଥିଲେ । ପାରାଦୀପ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ ଏହି ବିରାଟ ମଟର ସାଇକେଲ ତ୍ରୀରଙ୍ଗା ଶୋଭାଯାତ୍ରାରେ ପାରାଦୀପ ନଗର ମଣ୍ଡଳ ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ, ଜିଲ୍ଲା ସମ୍ପାଦକ ତଥା ପାରିଷଦ ପ୍ରତାପ ନାୟକ, ବିଜେପି ନେତା ଗୌତମ ନାୟକ, ଜିଲ୍ଲା ମିଡିଆ ସେଲ ସଂଯୋଜକ ସର୍ବେଶ୍ୱର ବଳିଆରସିଂ, ପାରାଦୀପ ମଣ୍ଡଳ ସାଧାରଣ ସମ୍ପାଦକ ବଜରଙ୍ଗ ସ୍ୱାଇଁ, ସୁଲେମାନ ରାଜୁ, ଅର୍ଜିଲା ଶିବାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ ।

# ଆଲୋକନଗରରେ ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ ପାଳିତ

**ନିଆଳୀ(ଅମୃତ ମିଡିଆ):** ନିଆଳୀ ଆଲୋକନଗରରେ ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ପ୍ରବଳ ବର୍ଷା ସତ୍ତ୍ୱେ ଆଲୋକନଗର ବାସୀ ଙ୍କ ଏକ ଶୋଭାଯାତ୍ରା ପ□ମୁଖି ହନୁମାନ ମନ୍ଦିରଠାରୁ ବାହାରି ଆଲୋକନଗରର ସମସ୍ତ ସାହି ଦେଇ ନିଆଳୀ ବଜାର ପରିକ୍ରମା କରିଥିଲା। ହର ଘର ତ୍ରୀରଙ୍ଗା ଓ ଘରଘର ତ୍ରୀରଙ୍ଗା ଶ୍ଲୋଗାନ ଦେଇ ଶୋଭାଯାତ୍ରାକୁ ପୁନଃ ମହାବୀର ମନ୍ଦିର ନିକଟରେ ଶେଷ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଲୋକନଗରର ସମସ୍ତଙ୍କ ଘରେ ଆଜି ଜାତୀୟ ପ□ାକାକୁ ବନ୍ଧା ଯାଇଛି। ଆସନ୍ତା କାଲି ପିଲାମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗୀତା ଓ ସ୍ୱାଧିନତା ଦିବସ ଦିନ ଦରିଦ୍ର ନାରାୟଣ ସେବା ଅନ୍ନ ବସ୍ତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟମରେ ଆଲୋକ ନଗର ବାସୀଙ୍କର ପୂର୍ଣ୍ଣ ସହଯୋଗ ରହିଛି ।

# 'ସହପାଠୀ ପରି ବନ୍ଧୁ ଜଗତରେ ନାହିଁ'

**ବାରିପଦା(ଅମୃତ ମିଡିଆ):** ମୟୂରଭଞ୍ଜ ଜିଲ୍‌ଲା, ଉଦଳା ସହରର ୱାର୍ଡ଼ନଂ-୮ ସ୍ଥିତ ମେଣ୍ଢାଖାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୧୯୮୫ ମସିହାରେ ସପ୍ତମ ଶ୍ରେଣୀ ପାଶ୍ କରିଥିବା ଛାତ୍ର ଛାତ୍ରୀ ମାନେ ଆଜି ଅଗଷ୍ଟ ୧୩ ତାରିଖ ଶନିବାର ଦିନ ଏକ ସହପାଠୀ ମିଳନର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଦିର୍ଘ ୩୮ ବର୍ଷ ପରେ ସାଙ୍ଗମାନେ ପରସ୍ପରକୁ ପାଖରେ ପାଇ ଖୁବ ଭାବବିହ୍ୱଳ ହୋଇ ଉଠିଥିଲେ । ସେ ସମୟରେ ଏଠାରେ କାର୍ଯ୍ୟରତ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ୍ୟ ପୁରାତନ ଛାତ୍ର ଛାତ୍ରୀଙ୍କ ଗହଣରେ ଆନନ୍ଦ ଅନୁଭବ କରିଥିଲେ । ଏହାପରେ ସୁବ୍ରତ ଓ ରାଜଲକ୍ଷ୍ମୀଙ୍କ ଦ୍ୱାରା ପରିଚାଳିତ ଆଲୋଚନାଚକ୍ରରେ ସମସ୍ତେ ଜଣ ଜଣ କରି ନିଜ ନିଜର ପିଲା ଦିନର ଅନୁଭବ ଓ ବର୍ତମାନ କିପରି ସମୟ ବିତାଉଛନ୍ତି ବର୍ଣ୍ଣନା କରିଥିଲେ । ଅନୁପ ଏକ ହ୍ୱାଟସ୍‌ଅପ ଗ୍ରୁପ ଖୋଲି ସମସ୍ତେ ଭାବର ଆଦାନ ପ୍ରଦାନ ପାଇଁ ପ୍ରସ୍ତାବ ଦେଇଥିଲେ । ନମିତା, ଦିବ୍ୟଦର୍ଶନୀ, କାଶୀନାଥ ଏଣିକି ଆମେ ପ୍ରତିବର୍ଷ ଏକତ୍ରୀତ ହେବା ବୋଲି କହିଥିଲେ । ଯେଉଁ ସାଙ୍ଗ ମାନେ ଅନୁପସ୍ଥିତ ଅଛନ୍ତି ସେମାନଙ୍କ ସହିତ କିପରି ଆଗାମୀ ଦିନରେ ଯୋଗାଯୋଗ କରାଯାଇ ପାରିବ ସେଥିପାଇଁ ଅଭୟକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା ।